SAMBAD
ସମ୍ବାଦ
ବାଣିଜ୍ୟ

# ଆଇଟିଇଆର୍‌ରେ ଜେନେସିସ୍-୧୦



ଭୁବନେଶ୍ୱର, ୨୫/୨ (ଇମିସ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଇଞ୍ଜିନିୟରିଂ କଲେଜ ଆଇଟିଇଆର୍‌ର ବାର୍ଷିକ ଉତ୍ସବ 'ଜେନେସିସ୍-୧୦' ଆଜି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଡିନ୍ ପ୍ରଫେସର କେ କେ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ ଓ୍ୱିପ୍ରୋର ଆନ୍ତର୍ଜାତିକ ମାନବ ସମ୍ବଳ ମୁଖ୍ୟ କାନନ ରାମାୟା। ପିଲାମାନଙ୍କୁ ଧୈର୍ଯ୍ୟଶୀଳ ହେବା ପାଇଁ ଶ୍ରୀ ରାମାୟା ପରାମର୍ଶ ଦେଇଥିଲେ। ଆମ ଦେଶର ପିଲାମାନଙ୍କ ମଧ୍ୟରେ ନୂଆ କାମ ପାଇଁ ପ୍ରବଳ ଇଚ୍ଛାଶକ୍ତି ଓ ଦକ୍ଷତା ରହିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗର ଡିନ୍ ପ୍ରଫେସା ଏସ୍ ସି ମିଶ୍ର ଭବିଷ୍ୟତରେ ଗବେଷଣା କାର୍ଯ୍ୟରେ ସମୟ ଦେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ୨୩ ତାରିଖରୁ ଆରମ୍ଭ ହୋଇଥିବା ଟେକ୍ ଫେଷ୍ଟ୍ 'ଚକ୍ରବ୍ୟୁହ'ର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବିଭିନ୍ନ କଲେଜର ୯୪୦ ଜଣ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ। ଅତିରିକ୍ତ ଡିନ୍ ପ୍ରଫେସର ଆର୍ କେ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ନିର୍ଦ୍ଦେଶକ ଡ. ମାନସ ମଲ୍ଲିକ, ପ୍ରଫେସର ବି କେ ସରାପ, ବିଭିନ୍ନ ବିଭାଗର ମୁଖ୍ୟ, ଅଧ୍ୟାପକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମନୋଜ ରଞ୍ଜନ ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆସନ୍ତା ୨୭ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ସାରେଗାମାପାର ଜଣାଶୁଣା ଗାୟକ ଭିନିତ୍ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।